## ରୋଗପୋକ ପରିଚାଳନା

| ରୋଗ ପୋକର ନାମ | ଲକ୍ଷଣ | ନିରାକରଣ |
|---|---|---|
| ଆନଥ୍ରାକୋନଜ୍ | ପତ୍ରରେ ଅଣ୍ଡାକୃତି, ବଙ୍କା, ଗାଢ ବାଦାମି ଦାଗ ହୋଇ କଳାପଡି ଝଡିଯାଏ। | କା ଛା କରି ବାଭିଷ୍ଟିନ୍(୦.୧%) କିମ୍ବା ବ୍ଲାଇଟକ୍ସ-୫୦ (୦.୩%) ସି ନ କରନ୍ତୁ। |
| ବ୍ୟାକ୍ଟେରିଆ କ୍ୟାଙ୍କର | ପତ୍ରଡାଳ ଫଳରେ ଇସତ୍ ହଳଦିଆ ଦେଖାଦେଇ ଗାଢ ପାଉଁଶିଆ ରୋଗ ହୋଇଥାଏ। | ଷ୍ଟ୍ରେପଟୋସାଇକ୍ଲିନ୍ ଓ କପରଅକ୍ସିକ୍ଲୋରାଇଡ୍‌କୁ ଅବଦଳବଦଳ କରି ସ୍ପ୍ରେ କରନ୍ତୁ। ଏପରିକି ବୋର୍ଡୋକ୍ସ ମିଶ୍ରଣ ଦ୍ରବଣ ୫:୫:୫୦ (୧%) ପ୍ରୟୋଗ କରାଯାଇପାରିଲେ। |
| ପାଉଁଶିଆ ରୋଗ | ପତ୍ର ଉପରେ ଛୋଟ, ଅସମାନ, ପାଉଁଶିଆ ଦାଗ ଦେଖାଯାଏ। | କା ଛା କରି ସଲଫର ଦ୍ରବୀଭୂତ ଗୁଣ୍ଡ (୦.୪%) ସି ନ କରନ୍ତୁ। |
| ଆମ୍ବ ଡାହାଣୀ | ବଉଳ ଗୁଡିକ ଫିକା ପଡି କ୍ରମଶଃ ଶୁଖିଯାଏ। କଷି ଝଡିପଡେ। | ଇମିଡାକ୍ଲୋପ୍ରିଡ୍ (୦.୦୫%) ସି ନ କରନ୍ତୁ। |
| ଆମ୍ବ ଚୂର୍ଣ୍ଣପୃଷ୍ଟ କିଟ୍ | କଅଁଳ ପତ୍ର ଓ ବଉଳ ଶୁଖି ଝଡିଯାଏ। ଫଳ ରହେନାହିଁ। | ଗଛରେ ୪୦୦ ଗେଜ୍‌ର ଆଲ୍‌କାଥିନ୍ ଚାଦର ବାନ୍ଧିବା ସହିତ ମାଲାଥିଅନ (୦୨%) ସି ନ କରନ୍ତୁ। |
| ଫଳମାଛି | ଫଳସଢି ଯାଏ ଓ ଝଡି ପଡେ। | ବିଷ ଥୋପ ଓ ସଂଗଆକର୍ଷକ ଯନ୍ତା ପ୍ରୟୋଗ କରନ୍ତୁ। |

## ସାମୟିକ ଯତ୍ନର କାର୍ଯ୍ୟସୂଚୀ

- ନୂଆ ଚରା ସଂଗ୍ରହ ପାଇଁ ବିଶ୍ୱସ୍ତ ସୂତ୍ରରୁ ଉତ୍ତମ ଚାରା ନର୍ସରୀ ସହିତ ଯୋଗାଯୋଗ କରନ୍ତୁ।
- ଚିହ୍ନଟ ହୋଇଥିବା ଗାଢ ଗୁଡିକରେ ଅନୁମୋଦିତ ଖତ ଓ ମାଟି (୧:୩) ପ୍ରୟୋଗ କରି ଗାଢ଼କୁ ବିଶୋଧିତ କରନ୍ତୁ।
- ଚାରା ପ୍ରସ୍ତୁତ ପାଇଁ ଶଯ୍ୟା କରି ୬ ମାସର ପୁରୁଣା ଚାରାଗୁଡିକୁ ପତ୍ର ଛିଣ୍ଡାଇ ଦେଇ କଲମୀ କରନ୍ତୁ।
- ନର୍ସରୀ ଶଯ୍ୟାରେ ୨୫×୨୫ସେ.ମି. ଦୂରତାରେ ଚାରା ରୋପଣ କରନ୍ତୁ।
- ପତ୍ରବୁଢିଆଣୀ ଓ କାଣ୍ଡିବିନ୍ଧା ନିରାକରଣ ପାଇଁ ମନୋକ୍ରୋଟୋଫସ୍ (୦.୧%) ପ୍ରୟୋଗ କରନ୍ତୁ।
- ଆମ୍ବଗଛର ମୂଳ ପରିସରରେ ମିଶ୍ରିତ ଅଣୁସାର ସହ ୨୦-୩୦କି.ଗ୍ରା କମ୍ପୋଷ୍ଟ ଖତ ପ୍ରୟୋଗ କରନ୍ତୁ।
- କଲମୀ ହୋଇଥିବା ଚାରାର ଯତ୍ନ ନେଇ ବଗିଚାର ଖାଲିସ୍ଥାନ ଗୁଡିକରେ ଯଥାଶୀଘ୍ର ରୋପଣ କରନ୍ତ।
- ଅସମୟରେ ଆସୁଥିବା ବଉଳ ଗୁଡିକୁ ଛିଣ୍ଡାଇ ଦିଅନ୍ତୁ।
- ପ୍ରତିବର୍ଷ ବର୍ଷ ଆଗମନ ପୂର୍ବରୁ ସନ୍ତୁଳିତ ଖାଦ୍ୟସାର ପ୍ରୟୋଗ କରନ୍ତୁ।
- ଫଳଥିନ ଛାଦି କରଣ ଓ ଅଣୁଜଳସେଚନ ପ୍ରତି ଗୁରୁତ୍ୱ ଦିଅନ୍ତୁ।
- ପୁନର୍ବାର ଅନ୍ତଃଫସଲ ଚାଷକରନ୍ତୁ।
- ୨୫ ସେ.ମି ଚଉଡା ତଥା ୪୦୦ ଗେଜ୍ ମୋଟେଇ ଆଲ୍‌କାଥିନ୍ ପଟି ଗଛଗଣ୍ଡିର ଚାରିକଡେ ଗୁଡାଇ ଦିଅନ୍ତୁ। ଯାହାକି ସମତଳଠାରୁ ପ୍ରାୟତଃ ୧ ଫୁଟ ଉପରେ ରହିବ।

**ଅଧିକ ତଥ୍ୟ ପାଇଁ ଯୋଗାଯୋଗ : କୃଷି ବିଜ୍ଞାନ କେନ୍ଦ୍ର, ରାଉରକେଲା**
**ସମ୍ପାଦକ ଓ ପ୍ରକାଶକ : ଶ୍ରୀ ଜୟନ୍ତ କୁମାର ପତି, କାର୍ଯ୍ୟକ୍ରମ ସଂଯୋଜକ**
**ସହଯୋଗ : ଶ୍ରୀ ସୋମଦତ୍ତ ମହାନ୍ତି, କମ୍ପ୍ୟୁଟର କାର୍ଯ୍ୟନିର୍ବାହୀ**
**କୃତଜ୍ଞତା : ଭାରତୀୟ କୃଷି ଅନୁସନ୍ଧାନ ପରିଷଦ, ନୂଆଦିଲ୍ଲୀ**

# ଆମ୍ବ ବଗିଚାର ପୁନରୁଦ୍ଧାର ଓ ସାମୟିକ ଯତ୍ନ







ଶ୍ରୀ ଜୟନ୍ତ କୁମାର ପତି
କାର୍ଯ୍ୟକ୍ରମ ସଂଯୋଜକ
ଶ୍ରୀ ସଂଜୟ କୁମାର ପ୍ରଧାନ
ବିଷୟବସ୍ତୁ ବିଶେଷଜ୍ଞ (ଉଦ୍ୟାନ କୃଷି)
ଶ୍ରମତୀ ବିଜୟଲକ୍ଷ୍ମୀ ସାହୁ
ବିଷୟବସ୍ତୁ ବିଶେଷଜ୍ଞା (ଗୃହ ବିଜ୍ଞାନ)

**କୃଷି ବିଜ୍ଞାନ କେନ୍ଦ୍ର, ରାଉରକେଲା**

## ଆମ୍ବ ବିଗିଚାର ପୁନରୁଦ୍ଧାର ଓ ସାମୟିକ ଯତ୍ନ

ଆମ୍ବ ବଗିଚାର ପୁନରୁଦ୍ଧାର, ପରିଚାଳନା ଓ ସାମୟିକ ଯତ୍ନ ଯେଉଁ ସବୁ ଦିଗ ଉପରେ ନିର୍ଭର କରିଥାଏ ସେଥିମଧ୍ୟରୁ ମୁଖ୍ୟ ବ୍ୟବସ୍ଥା ଗୁଡିକ ନିମ୍ନରେ ପ୍ରଦତ୍ତ।

## କାଣ୍ଡଛାଣ୍ଟ ବ୍ୟବସ୍ଥା (କୌଶଳ)





ସାଧାରଣତଃ ଗହଳିଆ, ଛନ୍ଦାଛନ୍ଦି, ଅନିୟମିତ ବୃଦ୍ଧି, ରୋଗାଗ୍ରସ୍ତ, ଶୁଖିଲା ତଥା ଅନାବଶ୍ୟକ ଶାଖା ପ୍ରଶାଖା ଗୁଡିକ ଯୋଗୁଁ ସୂର୍ଯ୍ୟକିରଣ ପର୍ଯ୍ୟାପ୍ତ ପରିମାଣରେ ନ ମଳିବା ଏବଂ ଅତ୍ୟଧିକ ଖାଦ୍ୟସାର ପ୍ରୟୋଗ ହେତୁ ଗଛର ଗୁଣାତ୍ମକ ମାନ ଓ ଅମଳ ବାଧାପ୍ରାପ୍ତ ହୋଇଥାଏ, ଏଣୁ ଏଗୁଡିକ ଚିହ୍ନଟ କରି ଯଥା ସମୟରେ ଭୂମିଠାରୁ ୧୩ ଫୁଟ ଉଚ୍ଚତା ଏବଂ ମୁଖ୍ୟ ଶାଖାରୁ ଶାଖାଗଣ୍ଠିଠାରୁ ୩ ଫୁଟ ବ୍ୟବଧାନରେ କାଣ୍ଡଛାଣ୍ଟ କରି ଏହାକୁ ପରିଚାଳନା ନିମ୍ନମତେ କରିବାକୁ ପଡିଥାଏ।

## ଖତସାର (ଗଛପ୍ରତି)

| ବୟସ (ବର୍ଷ) | ଖତ (କି.ଗ୍ରା) | ଯବକ୍ଷାରଜାନ (ଗ୍ରାମ୍) | ଫସ୍‌ଫରସ (ଗ୍ରାମ୍) | ପଟାସ (ଗ୍ରାମ୍) |
|---|---|---|---|---|
| ୧ମ | ୧୦ | ୭୩ | ୧୮ | ୬୮ |
| ୨ୟ | ୨୦ | ୧୪୬ | ୩୬ | ୧୩୬ |
| ୩ୟ | ୩୦ | ୨୧୯ | ୫୪ | ୨୦୪ |
| ୪ର୍ଥ | ୪୦ | ୨୯୨ | ୭୨ | ୨୭୨ |
| ୫ମ | ୫୦ | ୩୬୫ | ୯୦ | ୩୪୦ |
| ୬ଷ୍ଠ | ୬୦ | ୪୩୮ | ୧୦୮ | ୪୦୮ |
| ୭ମ ଓ ଊର୍ଦ୍ଧ୍ୱ | ୭୦ | ୫୧୧ | ୧୨୬ | ୪୭୬ |

## ଜଳସେଚନ ଓ ଛାଦିକରଣ



କାଣ୍ଡଛାଣ୍ଟ ଆମ୍ବ ଗଛଗୁଡିକରୁ ନୂତନ ଶାଖା ବାହାରିବା ପାଇଁ ନିୟମିତ ଜଳସେଚନ ଜରୁରୀ ଏଥିପାଇଁ ମାସକୁ ଅନ୍ତତଃ ଦୁଇଥର ଜଳସେଚନ ଜରୁରୀ। ନଚେତ୍ କଅଁଳ ଶାଖା ବାହାରିବା ବିଳମ୍ବ ହୋଇ ଶୁଖିବାର ସମ୍ଭାବନା ଥାଏ। ଏଥିପାଇଁ ଜଳକ୍ଲିଷ୍ଟକୁ ଦୂରକରିବା ପାଇଁ ଆମ୍ବ ବଗିଚାରେ ଉଭୟ ବୁନ୍ଦା ଓ ସିଞ୍ଚନ ଜଳସେଚନର ବ୍ୟବହାର କରାଯାଉଅଛି। ଏପରିକି ଗଛମୂଳକୁ ଘାସମୁକ୍ତ କରିବା ସହିତ ଏହାର ଆର୍ଦ୍ରତା ବଢାଇବା ପାଇଁ ୨୦୦ ଗେଜ୍‌ର ପଲିଥିନ୍ ଛାଦିକରଣ କରାଯାଇଥାଏ। ଏପରି କରିବା ଦ୍ୱାରା ଜଳସେଚନ ଖର୍ଚ୍ଚ ୩୫ ପ୍ରତିଶତ କମ୍ ହୋଇ ଅମଳ ୨୦ ପ୍ରତିଶତ ପର୍ଯ୍ୟନ୍ତ ବଢିଥାଏ।

## କଲମୀ କରଣ



ସାଧାରଣତଃ ଗୁଣାତ୍ମକ ଉନ୍ନତ ଜାତୀୟ କିସମ ଗଛରୁ ପୋଷ୍ୟଡାଳ (ସିଅନ୍) ସଂଗ୍ରହ କରାଯାଇ କାଣ୍ଡଛାଣ୍ଟ ପରେ ଗଛରେ ବାହାରିଥିବା ନୂଆ ଡାଳ ଗୁଡିକରେ ଯୋଡା ହୋଇଥାଏ। ଅତଏବ ପ୍ରତ୍ୟେକ ମୁଖ୍ୟ ଶାଖାରୁ ନିର୍ଗତ ଡାଳ ଗୁଡିକରୁ ସର୍ବାଧିକ ୪-୫ ଗୋଟି କଲମୀ କରାଯାଇଥାଏ ଓ ଏହି ପ୍ରକ୍ରିୟା ବର୍ଷାଦିନେ ସଫଳ ହୋଇଥାଏ।

କୋମଳ କାଷ୍ଠ କଲମି ପ୍ରଣାଳୀରେ ଅଧିକ ସଫଳତାର ସହ କଲମୀ ଚାରା ଉତ୍ପନ୍ନ କରାଯାଇପାରୁଅଛି। ଏଥିପାଇଁ ନିରୋଗ, ସୁସ୍ଥ ଓ ନିର୍ଦ୍ଦିଷ୍ଟ କିସମର ଆମ୍ବଗଛ ବାଛିବା ଦରକାର। ସେଥିରୁ ସିଅନ ବା ପୋଷ୍ୟଡାଳ ସଂଗ୍ରହ କରିବାକୁ ପଡିଥାଏ। ପ୍ରଥମେ ଟାକୁଆରୁ ମୂଳପିଣ୍ଡ ଗଛ ପ୍ରସ୍ତୁତ କରିବା ପାଇଁ ୩୦୦ ଗ୍ରେଡ଼ ମୋଟେଇର ପଲିଥିନ୍ (ପ୍ଲାଷ୍ଟିକ)କୁ ବ୍ୟବହାର କରିବାକୁ ପଡିଥାଏ। ସଠିକ୍ ଅନୁପାତର ମାଟି ଓ ଖତ ଭରି ମୂଳପିଣ୍ଡ ଗଛ ତିଆରି କରାଯାଏ। ଏହି ଗଛ ୪୦-୫୦ ଦିନର ହୋଇଗଲେ କୋମଳ କାଷ୍ଠ କଲମି ପ୍ରଣାଳୀରେ ପୋଷ୍ୟ ଡାଳକୁ ବ୍ୟବହାର କରି କଲମି ଗଛ ପ୍ରସ୍ତୁତ କରାଯାଏ। କଲମି ପ୍ରସ୍ତୁତ କରିବା ସମୟରେ ୧୦୦ ଗେଜ ମୋଟେଇର ପଲିଥିନ ଫିତା ଓ କ୍ୟାପ ବ୍ୟବହାର କରିବାକୁ ପଡିଥାଏ। ଅଧିକ ମାତ୍ରାରେ ଉନ୍ନତ ମାନର କଲମି ଗଛ ପ୍ରସ୍ତୁତ କରିବା ପାଇଁ ପଲିହାଉସ (ଜରିଘର) ଓ ନେଟ ହାଉସ (ଛାୟାଘର) ବ୍ୟବହାର କରିବାକୁ ପଡିଥାଏ। ପ୍ଲାଷ୍ଟିକ୍‌ର ପଲି ହାଉସ ଓ ନେଟ୍ ହାଉସ ମାଧ୍ୟମରେ ବର୍ଷର ଅଧିକାଂଶ ସୟମରେ ସହଜରେ କଲମି ଗଛ ପ୍ରସ୍ତୁତ କରାଯାଇଥାଏ।

## ଗଛର ଅଭିବୃଦ୍ଧି ଓ ଫଳଧାରଣ



ଆମ୍ବ ବଗିଚାରେ ମହୁବାକ୍ସ ସ୍ଥାପନ କରିବା, ସମନ୍ୱିତ ଜୈବଖାଦ୍ୟ ସହିତ ଅନ୍ତଃଫସଲ କରିବା ଉଚିତ୍। ଏପରିକି ନିୟମିତ ଫଳନ ପାଇଁ ଏନ୍.ଏ.ଏ ପ୍ରତି ୪ ଲିଟର ପାଣିରେ ୧ ମି.ଲି ଏପିରକି ନିୟମିତ ଫଳନ ପାଇଁ ଏନ୍.ଏ.ଏ. ପ୍ରତି ୪ ଲିଟର ପାଣିରେ ୧ ମି.ଲି.(୦.୦୦୨୫%) ମିଶାଇ ଗତିଶୀଳ ସିଞ୍ଚନ ଦ୍ୱାରା ପ୍ରୟୋଗ କଲେ ମାତ୍ରାଧିକ ଅମଳ ମିଳିପାରିବ।